# NATIONAL NEWS BULLETIN (ODIA)

## 23 November - 2024

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ପ୍ରଗତି ପାଇଁ ଶାନ୍ତି ଗୁରୁତ୍ୱପୂର୍ଣ୍ଣ ବୋଲି ଓଡ଼ିଶା ଇତିହାସର କଳିଙ୍ଗ ଯୁଦ୍ଧ ଶିକ୍ଷା ଦେଇଥାଏ, କହିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତର ସଂସ୍କାର, ପ୍ରଦର୍ଶନ ଏବଂ ପରିବର୍ତ୍ତନର ମନ୍ତ୍ରକୁ ବିଶ୍ୱ ସ୍ୱୀକାର କରିଛି ।
- ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ର ବିଧାନସଭା ସମେତ ଦୁଇ ପର୍ଯ୍ୟାୟରେ ଅନୁଷ୍ଠିତ ଉପନିର୍ବାଚନର ଆଜି ଭୋଟ ଗଣତି ।
- ଇସ୍ରାଏଲ୍ ଆକ୍ରମଣରେ ତିନି କମାଣ୍ଡରଙ୍କ ସହିତ ହମାସର ୫ ଜଣ ସଦସ୍ୟଙ୍କର ମୃତ୍ୟୁ ।

ଏବଂ

- ଚାଇନା ମାଷ୍ଟର୍ସ ୨୦୨୪ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ମିଳିତ ପୁରୁଷ ବର୍ଗରେ ସେମିଫାଇନାଲ୍ ମ୍ୟାଚ୍ ଖେଳିବେ ଭାରତର ଚିରାଗ୍ ସେଟ୍ଟୀ ଓ ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀଙ୍କ ଯୋଡ଼ି ।

# ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଓଡ଼ିଶା ଇତିହାସର କଳିଙ୍ଗ ଯୁଦ୍ଧ ଅଧ୍ୟାୟ ବିଶ୍ୱକୁ ଶାନ୍ତିର ମାର୍ଗ ପ୍ରଦର୍ଶନ କରିପାରିବ । ନୂଆଦିଲ୍ଲୀର ଜେ.ଏଲ୍.ଏନ୍. ଷ୍ଟାଡିୟମ୍ ଠାରେ ତିନି ଦିନିଆ ଓଡ଼ିଶା ପର୍ବ କାର୍ଯ୍ୟକ୍ରମକୁ ଗତକାଲି ଉଦ୍‌ଘାଟନ କରି ରାଷ୍ଟ୍ରପତି କହିଛନ୍ତି, କଳିଙ୍ଗ ଯୁଦ୍ଧ ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ କରିଥିଲା । ଏହି ଯୁଦ୍ଧ ଲୋକଙ୍କୁ ପ୍ରଗତି ପାଇଁ ଶାନ୍ତି ଗୁରୁତ୍ୱପୂର୍ଣ୍ଣ ବୋଲି ଶିକ୍ଷା ଦେଇଥାଏ । ବିଶ୍ୱର କିଛି ଅଂଶ ଆଜି ମଧ୍ୟ ସଂଘର୍ଷର ସମ୍ମୁଖୀନ ହେଉଛି । ଓଡ଼ିଶା ସଂସ୍କୃତିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ସହିଷ୍ଣୁତା ରାଷ୍ଟ୍ରପତି ମୁର୍ମୁ ସମସ୍ତଙ୍କୁ ସ୍ନେହ ଓ ସୌହାର୍ଦ୍ଦ୍ୟର ସହ ବଞ୍ଚିବା ସହିତ ରାଜ୍ୟ ଏବଂ ଦେଶ ପାଇଁ ଯଥା ସମ୍ଭବ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି । ଓଡ଼ିଶା କଳା, ସାହିତ୍ୟ, ନୃତ୍ୟ, ସଂଗୀତ ଏବଂ ଖାଦ୍ୟର ସମୃଦ୍ଧ ଐତିହ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବାରେ ଓଡ଼ିଶାପର୍ବ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

# ପିଏମ୍-ମିଡିଆ ସମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଗତ ଦଶ ବର୍ଷ ମଧ୍ୟରେ ଏନ୍.ଡି.ଏ. ସରକାର ଗ୍ରହଣ କରିଥିବା ସଂସ୍କାର, ପ୍ରଦର୍ଶନ ଏବଂ

ପରିବର୍ତ୍ତନର ମନ୍ତ୍ରକୁ ସମଗ୍ର ବିଶ୍ୱ ସ୍ୱୀକାର କରିଛି । ଜର୍ମାନର ଷ୍ଟୁଟ୍‌ଗାର୍ଟ୍ ଠାରେ ଏକ ଗଣମାଧ୍ୟମ ସଂସ୍ଥା ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି ।

କାର୍ଯ୍ୟକ୍ରମର ବିଷୟବସ୍ତୁ 'ଭାରତ ଜର୍ମାନୀ ସ୍ଥାୟୀ ଅଭିବୃଦ୍ଧି ପାଇଁ ଏକ ରୋଡ୍ ମ୍ୟାପ୍ ରହିଥିଲା । ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବେ ପରିଗଣିତ ହୋଇଛି । ବିଶ୍ୱର ପ୍ରତ୍ୟେକ ଦେଶ ଭାରତର ଏହି ଯାତ୍ରାରେ ସହଯୋଗ କରିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଜର୍ମାନୀର 'ଫୋକସ୍ ଅନ୍ ଇଣ୍ଡିଆ' ଦସ୍ତାବିଜ୍ ଏହାର ଏକ ଉଦାହରଣ ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି । ପ୍ରତ୍ୟେକ କ୍ଷେତ୍ର ପାଇଁ ଭାରତ ନୂତନ ନୀତି ପ୍ରଣୟନ କରିଛି ଏବଂ ଏକବିଂଶ ଶତାବ୍ଦୀରେ ଦ୍ରୁତ ଅଭିବୃଦ୍ଧି ହାସଲ ଲକ୍ଷ୍ୟ ପାଇଁ ପ୍ରସ୍ତୁତ ହୋଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ବ୍ୟବସାୟକୁ ସହଜ କରିବା ଲକ୍ଷ୍ୟରେ ସରକାର ଆବଶ୍ୟକ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି । ସୁଲଭ ପୁଞ୍ଜି ଉପଲବ୍ଧ କରାଇବା ଲକ୍ଷ୍ୟରେ ଦେଶର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି ।

ବିଭିନ୍ନ କ୍ଷେତ୍ରରେ ଭିତ୍ତିଭୂମିକୁ ମଜବୁତ କରାଯିବା ସହ  ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି । ଜର୍ମାନୀ ଭାରତର ବିକାଶ ଯାତ୍ରାରେ ଏକ ନିର୍ଭରଯୋଗ୍ୟ ଅଂଶିଦାର ହେବ ବୋଲି ଶ୍ରୀ ମୋଦୀ ଆଶା ପ୍ରକାଶ କରିଛନ୍ତି । ଦୁଇ ଦେଶ ମଧ୍ୟରେ

ପାରସ୍ପରିକ ସହଯୋଗ ଅଧିକ ସୁଦୃଢ଼ ହୋଇଛି । ଭାରତରେ ଏକ ହଜାର ୮୦୦ରୁ ଅଧିକ ଜର୍ମାନୀ କମ୍ପାନୀ କାର୍ଯ୍ୟ କରୁଛନ୍ତି । ଗତ ୪ ବର୍ଷ ମଧ୍ୟରେ ଏହି କମ୍ପାନୀ ଗୁଡ଼ିକ ଭାରତରେ ୧୫ ବିଲିୟନ୍ ଡଲାର୍ ନିବେଶ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି । ଆଗାମୀ ବର୍ଷ ଗୁଡ଼ିକରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାର ଅଧିକ ବୃଦ୍ଧି ପାଇବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

ମେକ୍ ଇନ୍ ଇଣ୍ଡିଆ ଅଭିଯାନ ସହ ଜଡ଼ିତ ଉତ୍ପାଦନକାରୀଙ୍କୁ ପ୍ରୋତ୍ସାହନ ପ୍ରଦାନ କରାଯାଇଛି ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିବା ସହ ମୋବାଇଲ୍ ଏବଂ ବୈଦ୍ୟୁତିକ ଉତ୍ପାଦନ କ୍ଷେତ୍ରରେ ଭାରତ ବିଶ୍ୱର ଅନ୍ୟତମ ଅଗ୍ରଣୀ ରାଷ୍ଟ୍ର ଭାବେ ମାନ୍ୟତା ପାଇଛି ବୋଲି କହିଛନ୍ତି ।

## ଭୋଟ ଗଣତି

ଝାଡ଼ଖଣ୍ଡର ଏବଂ ମହାରାଷ୍ଟ୍ରରର ବିଧାନସଭା ନିର୍ବାଚନ ପାଇଁ ଆଜି ଭୋଟ ଗଣତି ଅନୁଷ୍ଠିତ ହେବ । ଝାଡ଼ଖଣ୍ଡ ମୁଖ୍ୟ ନିର୍ବାଚନ ଅଧିକାରୀ କେ. ରବୀ କୁମାର କହିଛନ୍ତି, ୮୧ଟି ବିଧାନସଭା ଆସନର ଭୋଟ ଗଣତି ପାଇଁ ୨୪ଟି କେନ୍ଦ୍ର ସ୍ଥାପନ କରାଯାଇଛି । ତ୍ରିସ୍ତରୀୟ ସୁରକ୍ଷା ବଳୟ ମଧ୍ୟରେ ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହେବ । ସକାଳ ସାଢ଼େ

୯ଟାରୁ ପ୍ରାରମ୍ଭିକ ଫଳାଫଳର ସୂଚନା ମିଳିପାରିବ ବୋଲି ଶ୍ରୀ କୁମାର କହିଛନ୍ତି ।

ମହାରାଷ୍ଟ୍ରର ୨୮୮ଟି ବିଧାନସଭା ଆସନ ଆଜି ଭୋଟ୍ ଗଣତି କରାଯିବ । ସକାଳ ୮ଟାରୁ ପ୍ରଥମେ ପୋଷ୍ଟାଲ୍ ବାଲାଟ୍ ଗଣତି ଆରମ୍ଭ ହେବ । ଇ.ଭି.ଏମ୍. ଭୋଟ୍ ଗଣତି ପାଖାପାଖି ସାଢ଼େ ୮ଟାରେ ଆରମ୍ଭ ହେବ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି । ସମଗ୍ର ରାଜ୍ୟରେ ୨୮୮ଟି ଗଣତି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ବିଧାନସଭା ଭୋଟ ଗଣତିର ତଦାରଖ କରିବା ପାଇଁ ୨୮୮ ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି । ଶୃଙ୍ଖଳିତ ଗଣତି ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ଏଥିସହ ଦୁଇଟି ସଂସଦୀୟ କ୍ଷେତ୍ର ଏବଂ ୪୮ଟି ବିଧାନସଭା ମଣ୍ଡଳୀ ପାଇଁ ହୋଇଥିବା ଉପନିର୍ବାଚନର ଭୋଟ୍ ଗଣତି ମଧ୍ୟ ଆଜି ଅନୁଷ୍ଠିତ ହେବ । ସେଥିମଧ୍ୟରେ କେରଳର ୱାଇନାଡ୍ ଏବଂ ମହାରାଷ୍ଟ୍ରର ନାନ୍ଦେଡ୍ ସଂସଦୀୟ କ୍ଷେତ୍ର ରହିଛି । ବିଧାନସଭା ଉପନିର୍ବାଚନ ମଧ୍ୟରେ ଉତ୍ତର ପ୍ରଦେଶର ୯ଟି, ରାଜସ୍ଥାନର ୭, ପଶ୍ଚିମବଙ୍ଗର ୬, ଆସାମର ୫, ବିହାର ଏବଂ ପଞ୍ଜାବର ୪ଟି ଲେଖାଏଁ, କର୍ଣ୍ଣାଟକର ୩, କେରଳ, ମଧ୍ୟପ୍ରଦେଶ ଓ ସିକ୍କିମ୍ର ୨ଟି ଲେଖାଏଁ ଏବଂ ଛତିଶଗଡ଼, ଗୁଜରାଟ, ଉତ୍ତରାଖଣ୍ଡ ଓ ମେଘାଳୟର ଗୋଟିଏ ଲେଖାଏଁ ଆସନ ରହିଛି ।

## ହମାସ କିଲ୍ଡ

ଇସ୍ରାଏଲ୍‌ର ଆକାଶମାର୍ଗରୁ ଆକ୍ରମଣରେ ତିନି ଜଣ କମାଣ୍ଡରଙ୍କ ସମେତ ହମାସର ୫ ଜଣ ସଦସ୍ୟଙ୍କର ମୃତ୍ୟୁ ହୋଇଛି । ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ ଆଇ.ଡି.ଏଫ୍. ଏକ ବିବୃତିରେ କହିଛି, ଗୁଇନ୍ଦା ସୂଚନା ଆଧାରରେ ବୁଧବାର ଏବଂ ଗୁରୁବାର ମଧ୍ୟରେ ଇସ୍ରାଏଲ୍ ବାୟୁସେନା ପକ୍ଷରୁ ଏହି ଆକ୍ରମଣ କରାଯାଇଥିଲା । ଗତ ବର୍ଷ ଅକ୍ଟୋବର ୭ ତାରିଖରେ ଇସ୍ରାଏଲ୍‌ରେ ହମାସ ଆକ୍ରମଣ ସମୟରେ ମେଫାଲସିମ୍ ଗ୍ରାମ ନିକଟରେ ହତ୍ୟା ଏବଂ ଅପହରଣ ଘଟଣାରେ ଏହି ତିନି ଜଣ କମାଣ୍ଡର ସମ୍ପୃକ୍ତ ଥିବା ଅଭିଯୋଗ ରହିଥିଲା । ଆଇ.ଡି.ଏଫ୍. କହିଛି, ଦିର୍ ଅଲ୍ ବାଲାହା ସହରର ରକେଟ୍ ୟୁନିଟ୍‌ର ମୁଖ୍ୟ କମାଣ୍ଡର ମଧ୍ୟ ଏହି ଆକ୍ରମଣରେ ନିହତ ହୋଇଛନ୍ତି ।

## ଟ୍ରମ୍ପ୍ ସେଣ୍ଟେନ୍ସ ପୋଷ୍ଟପଣ୍ଡ

ମିଥ୍ୟା ତଥ୍ୟ ଦାଖଲ ଅଭିଯୋଗ ନେଇ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିରୁଦ୍ଧରେ ରହିଥିବା ଅଭିଯୋଗର ଦଣ୍ଡାଦେଶକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ଆମେରିକାର ଜଣେ ବିଚାରପତି ଜୁଆନ୍ ମର୍ଚ୍ଚାନ୍ ଏହି ନିଷ୍ପତ୍ତି ଘୋଷଣା କରିବା ସହ କହିଛନ୍ତି, ବିନା ଆଇନ୍‌ଗତ ଜଟିଳତାରେ

ଟ୍ରମ୍ପ୍ ଆସନ୍ତା ଜାନୁଆରୀ ମାସରେ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିପାରିବେ । ଷ୍ଟର୍ମି ଡାନିଏଲ୍ସଙ୍କୁ ଆଇନ୍‌ଗତ ଖର୍ଚ୍ଚ ବାବଦରେ ପ୍ରଦାନ କରିଥିବା ଅର୍ଥ ମିଥ୍ୟା ବୋଲି ତାଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଥିଲା । ଏହି ଅଭିଯୋଗରେ ଶ୍ରୀ ଟ୍ରମ୍ପ୍ ଦୋଷୀ ସାବ୍ୟସ୍ତ ହୋଇଥିଲେ ମଧ୍ୟ ରାଷ୍ଟ୍ରପତି ନିର୍ବାଚନରେ ବିଜୟ ହାସଲ କରିଛନ୍ତି । ବିଚାରପତି ଜୁଆନ୍ ମର୍ଚ୍ଚାନ୍ ଜଣେ ରାଷ୍ଟ୍ରପତିଙ୍କୁ ଦଣ୍ଡିତ କରିବା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

ଅନ୍ୟ ପକ୍ଷରେ ନିର୍ବାଚନରେ ହସ୍ତକ୍ଷେପ ଏବଂ ଗୋପନୀୟ ଦସ୍ତାବିଜ୍ ସଂକ୍ରାନ୍ତରେ ଟ୍ରମ୍ପ୍‌ଙ୍କ ବିରୁଦ୍ଧରେ ଆଗତ ଫେଡେରାଲ୍ ମାମଲା ପ୍ରତ୍ୟାହୃତ ହେବାର ଆଶା କରାଯାଉଛି । ତେବେ ଜର୍ଜିଆ ନିର୍ବାଚନ ମାମଲା ଏ ପର୍ଯ୍ୟନ୍ତ ସମାଧାନ ହୋଇନଥିବା ଜଣାପଡ଼ିଛି ।

# ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ ମନ୍ କି ବାତ୍‌ର ୧୧୬ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟଓ୍ୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ ।

ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ Live Strim ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ଆର୍ମି ଚିଫ୍-ନେପାଳ ଭିଜିଟ୍

ଭାରତୀୟ ସେନା ମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ଗତକାଲି ନେତପାଳ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଏବଂ ପ୍ରତିରକ୍ଷା ମନ୍ତ୍ରୀ ମନବୀର ରାୟଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି । ନେପାଳ ଓ ଭାରତ ମଧ୍ୟରେ ପରସ୍ପରର ସେନା ମୁଖ୍ୟଙ୍କୁ ସମ୍ମାନ ଜନକ ଜେନେରାଲ୍ ଉପାଧି ପ୍ରଦାନର ଆଦାନପ୍ରଦାନ ବ୍ୟବସ୍ଥା ରହିଥିବାରୁ ପ୍ରଧାନମନ୍ତ୍ରୀ ଶ୍ରୀ ଓଲି ଖୁସିବ୍ୟକ୍ତ କରିଛନ୍ତି । ଦୁଇ ଦେଶ ମଧ୍ୟରେ ସହଯୋଗକୁ ଅଧିକ ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି ।

ସୂଚନା ଯୋଗ୍ୟ ଜେନେରାଲ୍ ଦ୍ୱିବେଦୀ ୫ ଦିନିଆ ନେପାଳ ଗସ୍ତରେ ଅଛନ୍ତି ।

## ସିବିଏସ୍‌ଇ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମେରିଟ୍ସ ସ୍କଲାରସିପ୍ ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ ପତ୍ର ଆହ୍ୱାନ କରାଯାଇଛି । ସିବିଏସ୍‌ଇ ୨୦୨୪ ଦଶମ ଶ୍ରେଣୀ ପାଶ୍ କରିଥିବା ତଥା ଅନୁବନ୍ଧିତ ବିଦ୍ୟାଳୟର ଏକାଦଶ ଶ୍ରେଣୀରେ ପଢୁଥିବା ଏକକ ବାଳିକା ଏହି ସ୍କଲାର୍‌ସିପ୍ ପାଇଁ ଆବେଦନ କରିପାରିବେ । ଏହା ବ୍ୟତୀତ ୨୦୨୩ରେ ପ୍ରଦତ୍ତ ଦଶମ ଶ୍ରେଣୀ ସି.ବି.ଏସ୍.ଇ. ଏକକ ବାଳିକା ଛାତ୍ରୀ ବୃତ୍ତି ନବୀକରଣ ପାଇଁ ମଧ୍ୟ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନପତ୍ର ଆହ୍ୱାନ କରାଯାଇଛି । ଆସନ୍ତା ମାସ ୨୩ ତାରିଖ ସୁଦ୍ଧା ଆବେଦନ କରିବାର ସମୟସୀମା ଧାର୍ଯ୍ୟ ହୋଇଛି । ସିବିଏସ୍‌ଇର ୱେବ୍‌ସାଇଟ୍‌ରେ ସ୍କଲାର୍‌ସିପ୍ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ଉପଲବ୍ଧ ରହିଛି ବୋଲି ପରିଷଦ ସୂଚନା ଦେଇଛି ।

## ଚାଇନା ମାଷ୍ଟର୍ସ୍

ଚାଇନା ମାଷ୍ଟର୍ସ୍ ୨୦୨୪ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍‌ରେ ଭାରତର ଚିରାଗ୍ ସେଟ୍ଟୀ ଏବଂ ସାତ୍ତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ଆଜି ଦକ୍ଷିଣ କୋରିଆ ପ୍ରତିପକ୍ଷଙ୍କୁ ଭେଟିବେ । ପୁରୁଷ ମିଳିତ ବର୍ଗରେ ଏହି ଯୋଡ଼ି ଦକ୍ଷିଣ କୋରିଆର ଜିନ୍ ୟୋଙ୍ଗ୍ ଏବଂ ସିଓ

ସେଙ୍ଗ୍‌ଙ୍କ ଯୋଡ଼ିଙ୍କ ମଧ୍ୟରେ ମୁକାବିଲା ହେବ । ଗତକାଲି ଡେନ୍‌ମାର୍କର କିମ୍ ଅଷ୍ଟ୍ରୁପ୍ ଏବଂ ଆଣ୍ଡର୍ସ୍ ସ୍କାରୁପ୍‌ଙ୍କୁ ୨୧-୧୬, ୨୧-୧୯ ପଏଣ୍ଟରେ ପରାସ୍ତ କରି ଭାରତୀୟ ଯୋଡ଼ି ସେମିଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଛନ୍ତି ।

## କ୍ରିକେଟ୍

ପର୍ଥ ଟେଷ୍ଟ ମ୍ୟାଚ୍‌ର ଆଜି ଦ୍ୱିତୀୟ ଦିନର ଖେଳ ଅଷ୍ଟ୍ରେଲିଆ ତାର ପ୍ରଥମ ଇନିଂସରେ ୭ ୱିକେଟ୍‌ରେ ୬୭ ରନ୍‌ରୁ ଖେଳ ଆରମ୍ଭ କରିବ । ଯଶପ୍ରୀତ ବୁମ୍‌ରା ଏ ପର୍ଯ୍ୟନ୍ତ ୪ଟି ୱିକେଟ୍ ଅକ୍ତିଆର କରିଛନ୍ତି । ଭାରତ-ଅଷ୍ଟ୍ରେଲିଆ ବର୍ଡର ଗାଭାସ୍କର ଟେଷ୍ଟ ସିରିଜ୍‌ର ଏହି ପ୍ରଥମ ମ୍ୟାଚ୍ ଗତକାଲିଠାରୁ ପର୍ଥର ଅପ୍‌ଟସ୍ ଷ୍ଟାଡିୟମ୍ ଠାରେ ଆରମ୍ଭ ହୋଇଛି । ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ତେବେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ସମସ୍ତ ୱିକେଟ୍ ବିନିମୟରେ ୧୫୦ରନ୍ ସଂଗ୍ରହ କରିଥିଲା । ଭାରତ ପକ୍ଷରୁ ନୀତିଶ କୁମାର ରେଡ୍ଡୀ ସର୍ବାଧିକ ୪୧ରନ୍ କରିବାକୁ ସକ୍ଷମ ହୋଇଥିଲେ ।  ଅଷ୍ଟ୍ରେଲିଆ ପକ୍ଷରୁ ହେଜଲଉଡ୍ ସର୍ବାଧିକ ୪ଟି ୱିକେଟ୍ ନେଇଥିଲେ ।

ସୂଚନା ଯୋଗ୍ୟ ରୋହିତ ଶର୍ମାଙ୍କ ଅନୁପସ୍ଥିତିରେ ବୁମରା ଭାରତୀୟ ଦଳର ଅଧିନାୟକ ଦାୟିତ୍ୱ ନିର୍ବାହ କରୁଛନ୍ତି । ପ୍ୟାଟ୍ କମିଂସ ଅଷ୍ଟ୍ରେଲିଆ ଦଳର ନେତୃତ୍ୱ ନେଉଛନ୍ତି ।